| | | | |
|---|---|---|---|
| <?xml version="1.0" ?> | | | |
| <?xml-stylesheet type="text/css" href="home.css"?> | | | |
| <Doc id="ori-w-media- | OR00067 | " | lang="Oriya"> |
| <Header type="text"> | | | |
| <encodingDesc> | | | |
| <projectDesc> | CIIL-Oriya Corpora, Monolingual Written Text | | </projectDesc> |
| <samplingDesc> | Simple written text only has been transcribed. Diagrams, pictures, tables and verses have been omitted. Samples taken from page 12-13, 26-27, 40-41, 50-51, 62-63, 76-77, 84-85, 100-101, 126-127, 152-153 | | </samplingDesc> |
| </encodingDesc> | | | |
| <sourceDesc><br><biblStruct><br><source> | | | |
| | <category> | Aesthetics | </category> |
| | <subcategory> | Literature – Novels | </subcategory> |
| | <text> | Book | </text> |
| | <title> | aneka rUparUpAYa | </title> |
| | <vol> | | </vol> |
| | <issue> | | </issue> |
| </source> | | | |
| <textDes> | | | |
| | <type> | | </type> |
| | <headline> | | </headline> |
| | <author> | baLarAma paTTanAYaka | </author> |
| | <words> | 3576 | </words> |
| </textDes> | | | |
| <imprint> | | | |
| | <pubPlace> | India-Cuttack | </pubPlace> |
| | <publisher> | phreNDs pablisharsa | </publisher> |
| | <pubDate> | 1995 | </pubDate> |
| </imprint> | | | |
| <idno type="CIIL code"> | | CIIL 66002 | </idno> |
| <index> | | OR00067 | </index> |
| </biblStruct><br></sourceDesc> | | | |
| <profileDesc><br><creation> | | | |
| | <date> | 07-May-2009 | </date> |
| | <inputter> | Sunil Kumar Pattanayak | </inputter> |
| | <proof> | Pramod Kumar Rout, Kshirod kumar Das | </proof> |
| </creation> | | | |
| <langUsage> | | Oriya | </langUsage> |
| <wsdUsage> | | | |
| <writingSystem id="ISO/IEC 10646">Universal Multiple-Octet Coded Character Set (UCS).</writingSystem> | | | |
| </wsdUsage> | | | |
| <textClass> | | | |
| <channel mode="w"> | | Print | </channel> |
| <domain type="public"> | | | </domain> |
| </textClass><br></profileDesc> | | | |

</Header>

<text><body>

<p> ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀରୁ କ୍ଷେତ୍ରେଶ୍ୱରୀ ବିମଳାଙ୍କ ସହସ୍ର କୁମ୍ଭବରଣ ଓ ଦ୍ୱିତୀୟା ଓଷା ପରେ ଷୋଳପୂଜା ଲାଗିରହିଲା ଶ୍ରୀମନ୍ଦିରରେ ଓ ଦେବୀପୀଠମାନଙ୍କରେ । ଯୋଗକୁ ଆଶ୍ୱିନ ଶୁକ୍ଳ ପଞ୍ଚମୀକି ପଡ଼ିଲା କାଶି ପୁଅର ଏକୋଇଶିଆ । ପୂଜା ଘର ଆଗରୁ । ଏଇ ଏକୋଇଶିଆ ଭୋଜିଟା କାଶି ଘରର ନୂଆ ଛାତ ଉପରେ ହେବ ବୋଲି ସମସ୍ତଙ୍କର ଅପେକ୍ଷା ଥିଲା । ସେଇଥିପାଇଁ ନାତି ହେଲାଦିନୁ କୁନି ମହାସୁଆରେ ଅହର୍ନିଶି ରହିଥାଆନ୍ତି ଯାଇ ଝିଅ ଘରେ । ସେ ଆସି ତଦାରଖ କଲେ ବୋଲି ଘର କାମଟା ଏକୋଇଶିଆ ବେଳକୁ ସରିଗଲା । ନିରୁ ଡାକ୍ତରଖାନାରୁ ଘରକୁ ଆସିବାଦିନଠୁ ସବୁ କାମଦାମ ଛାଡିଦେଇ ଚବିଶି ଘଣ୍ଟା ସେ ଝିଅ ଘରେ ଆସି ରହିଲେ ଯେ ରହିଲେ । ଖାଇଲାବେଳକୁ କେବଳ ଘରକୁ ଯାଆନ୍ତି । ନିରୁ, ଅନୁ ତାଙ୍କର ଦି' ଝିଅ । ସେ ଅଂଶରେ ପୁଅ ନଥିଲା । ଯେ କେହି ଘରକୁ ଆସିଲେ ବୋଉ ହସରେ ପେଟ ଫଟେଇ ସମୁଦିଙ୍କି ଦେଖେଇ ଦେଖେଇ ଖାଲି କହୁଥାଏ – 'ଝିଅର ପୁଅ ନାତି, ସରଗେ ଜାଳିବ ବତୀ' 'ପୁଅର ପୁଅ ନାତି, ମାରିବ ଝିଙ୍କର କାତି' । କଥା ମଝିରେ ବୋଉ ପଦେ ପଦେ ଢଗଢମାଳି ଏମିତି ହାଙ୍କି ଦେଇ ସମୁଦିଙ୍କୁ କହେ – ନାତି ତ ହେଲାଣି, ଶାଶୁ, ଶଶୁର ଝିଅ ଘରେ ଠାଆ କଲେ ତେଣିକି ଆଉ ଦୋଷାବହ ନୁହେଁ । ଆଗକାଳ ଭଳି ସେ ଧରାଟ ଏବେ ଆଉ ନାହିଁ । </p>

<p> ଏକୋଇଶିଆ ଭୋଜିକି ସହରର କାହାକୁ ଯେ ଡକରା ନଥିଲା, ଏମିତି କେହି ଲୋକ ନଥିଲେ । ସୁଷମା ଶାଶୁଘରର ସମସ୍ତଙ୍କଠୁ ଆରମ୍ଭ କରି ତା' ବାପା ଶ୍ୟାମ ସୁଆରେ, ଲକ୍ଷ୍ମୀଧର ମାଲିକେ, ମାଲିକାଣୀ ପୂର୍ଣ୍ଣିମା ଦେବୀ, ଭାଗି ଦଇତାପତି, କାଳିନ୍ଦୀବାବୁ ଓ ମିଶ୍ରେ ଆଦି ସମସ୍ତେ । ମାନ ସୁଆରଙ୍କଠୁ ଆରମ୍ଭ କରି କୁଶି ଖୁଣ୍ଟିଆ, ଗୋପୀ ଗୋଚ୍ଛିକାର ଓ ବଳଭଦ୍ର ଖୁଣ୍ଟିଆଙ୍କ ଘରର ବି ସମସ୍ତେ । ସୁଆର, ମହାସୁଆର ଗୋଷ୍ଠୀର ଯେତେ ଯୁଆଡ଼େ ଚିହ୍ନାପରିଚୟ ଥିଲେ ସମସ୍ତଙ୍କୁ କାଶିର ଡକରା ଥିଲା । କାଶି ଜାଣିଥିଲା ଯେ ଯେଉଁମାନେ ସୁରଙ୍କ ମାହାର୍ଦ ପସରାରେ ବୋଲକରା ହୋଇ ବାପା ମଲାପରେ ପ୍ରଥମେ ସେ ତା' ଜୀବନ ଆରମ୍ଭ କରିଥିଲା, ତାଙ୍କୁ ପୁଅ ଏକୋଇଶିଆକୁ ନିମନ୍ତ୍ରଣ ନ କରିବା ଅର୍ଥ ନିଜ ଅତୀତ ଜୀବନକୁ ଭୁଲିଯିବା । ମହାପ୍ରସାଦ ଖଟଣିରେ ବରାଦ ଥିଲା – କାନିକା, ଘି ଅନ୍ନ ସାଙ୍ଗକୁ ଡାଲି ତର୍କାରୀ, ଜିରା ଗୋଲ୍ ମରିଚଦିଆ ଗୋଟା ପୋଟଳ, ସେ ତ ଅପୂର୍ବ । ଦହି ବାଇଗଣ ସାଙ୍ଗକୁ ଖଜରା ଖଟା । ମୁଣ୍ଡା ମୁଣ୍ଡା ଚିପୁଡା ଛେନାରେ କ୍ଷୀରା ରାବିଡ଼ିର ସେ ଯେଉଁ ସମ୍ମିଶ୍ରଣ, ତା'ର ତ ପଟାନ୍ତର ନାହିଁ । କୁନି ମହାସୁଆରେ ଜଣ ଜଣ କରି ସମସ୍ତଙ୍କ ପତର ପାଖକୁ ଯାଇ ପଚରା ଉଚରା କରୁଥାଆନ୍ତି । କ୍ଷୀରା ଛେନା ଥରେ ଦି'ଥର କି ତିନିଥର ଲାଗିଲେ ବି ସେ ସନ୍ତୁଷ୍ଟ ନୁହଁନ୍ତି । ଯାହାର ଯାହା ଦରକାର, ପେଟ ପୂରିଲାଯାଏ ସମସ୍ତଙ୍କୁ ଖାଇବାକୁ ଦେବାକୁ ତାଙ୍କର ନିର୍ଦ୍ଦେଶ ଥାଏ । ନିରୁ ଘରର ସେ ଯେଉଁ ଚାକର ଟୋକା ଜଗା, ତା' ଭଳି ପିଲାଟେ ଖୋଜି ବାହାର କରିବା କଷ୍ଟକର । ବିଜୁଳି ଭଳି ତା'ର ଗତି । ଏକୋଇଶିଆ ଭୋଜିର ଅଧେ କାମ ସେ ନିଜେ ଉଠେଇ ଦେଲା । ଲୋକଙ୍କୁ ଡକାହକା କରିବାଠୁ ଆରମ୍ଭ କରି ଯିଏ ଯାହା ବତେଇଲା, ସବୁ କାମକୁ ସେ ଧୂରନ୍ଧର । କହୁଥାଏ – ନାନୀଙ୍କର ପୁଅ ହୋଇଛି, ଆଜିଦିନଟା କାଲିକି ଆଉ କଣ ରହିବ ? ଗୋଡ଼ ତା'ର ତଳେ ପଡୁନଥାଏ । </p>

<p> ଫିରିଙ୍ଗିମାନେ ସାରା ଭାରତଭୂଇଁକି ଦଖଲ କରିଗଲେ ହେଁ ଭଞ୍ଜଭୂମି ଘୁମୁଷରର କନ୍ଧଲୋକେ ତାଙ୍କର ବଶ୍ୟତା ସ୍ୱୀକାର କରିନଥାନ୍ତି । ପାଁଶ ଯାଏ କନ୍ଧ ସେତେବେଳେ ଉତ୍‌କ୍ଷିପ୍ତ ହୋଇ ଘୁମୁଷରରୁ ଆସି ବାଣପୁରବାଟେ ଖୋର୍ଦ୍ଧା ଅଞ୍ଚଳରେ ପ୍ରବେଶ କରନ୍ତି । ଏ ହେଲା ଅଠରଶହ ସତର ସନର ଘଟଣା ବୋଲି ସେ ଶୁଣିଛି । ବାଣପୁରର ପୁଲିସ୍ ଥାନା ଓ କଚେରୀ ଚଢ଼ାଉ କଲାପରେ ଖୋର୍ଦ୍ଧା ଖଞ୍ଜଣା ଖାନା ବି </p>

| | | |
|---|---|---|
| | ସେମାନଙ୍କ ଦଖଲକୁ ଆସିଯାଏ । କଚେରୀ କୋଠାବାଡ଼ି ଭାଙ୍ଗିରୁଜି ଅତ୍ୟାଚାରୀ ତହସିଲ୍‌ଦାର ଚରଣ ପଟ୍ଟନାୟକଙ୍କୁ ସେମାନେ ପ୍ରାଣରେ ମାରିଦିଅନ୍ତି । କାହିଁକି ନା – ସେଇ ନିମକ୍ ହାରାମ୍, ଖୋର୍ଦ୍ଧାର ସୈନ୍ୟ ସଜ୍ଜା ଓ ଜୟୀ ରାଜଗୁରୁଙ୍କ ରଣକୌଶଳ ବିଷୟରେ ଫିରିଙ୍ଗିମାନଙ୍କୁ ଖବର ଦେଇଥାଏ । ଫିରିଙ୍ଗି ସିପାହୀମାନେ ରଙ୍ଗପଡ଼ାଠାରେ ବିଦ୍ରୋହୀଙ୍କୁ ସାମ୍ନା କରିନପାରି ଆତ୍ମସମର୍ପଣ କରନ୍ତି । ପିପିଲି ଯିବା ବାଟରେ ବାଲକାଟିଠାରେ ପରାଜୟ ସ୍ୱୀକାର କରି ସେମାନେ କଟକ ଚାଲିଯାଆନ୍ତି । ପୁରସ୍ତମରେ ପହଞ୍ଚିଲା ବେଳକୁ ବିଦ୍ରୋହୀଙ୍କ ସଂଖ୍ୟା ହେଲାଣି ପାଞ୍ଚହଜାର । ସେତେବେଳକୁ ପୁରସ୍ତମରେ ଶାସନକର୍ତ୍ତା ଥିଲେ ୱ୍ୟାଲିଙ୍ଗ୍‌ଟନ୍ ସାହେବ । ତାଙ୍କ ପାଖରେ ଥାଆନ୍ତି ସର୍ବମୋଟ ଦି'ଶ ପାଇକ । ବିଦ୍ରୋହୀଙ୍କୁ ସାମ୍ନା କରିନପାରି ଖଞ୍ଜଣାଖାନାର ଟଙ୍କା ପଇସା ଧରି ସିଧା ସେମାନେ କଟକ ପଳାୟନ କରନ୍ତି । ଅଠରନଳା ଯାତ୍ରୀ ଟିକସ ଖଞ୍ଜଣାଖାନାରେ ଥାଏ ତେରହଜାର ଛ'ଶହ ଉଣିଶି ଟଙ୍କା ଆଠଅଣାରୁ ରୁପା ଟଙ୍କା ଓ ତମ୍ବା ପଇସା । ସେତକ ନେଇଯିବାକୁ ସେମାନଙ୍କ ତର ସହିଲାନି । ସେ ସବୁ ପଡ଼ିଲା ବିଦ୍ରୋହୀଙ୍କ ହାତରେ । ତା'ପରେ ପୁରସ୍ତମଧାମର ପଣ୍ଡାସେବକମାନେ ସେମାନଙ୍କୁ ସମର୍ଥନ କରନ୍ତି ଓ ସମସ୍ତଙ୍କର ଧାରଣା ହୋଇଯାଏ ଯେ ଗଜପତି ମହାରାଜାଙ୍କ ଶାସନ ପୁଣି ଫେରିଆସିଲା । ସେ ବର୍ଷ ଅପ୍ରେଲ ମାସ ବାର ତାରିଖରୁ ପୂରା ହପ୍ତେ ଯାଏ ପାଇକମାନଙ୍କ ଅକ୍ତିଆରରେ ରହେ ଏଇ ପୁରସ୍ତମଧାମ । ବିଦ୍ରୋହୀଙ୍କ ନେତୃତ୍ୱ ନେଇଥାଆନ୍ତି ଗଜପତି ମହାରାଜାଙ୍କ ପ୍ରଧାନ ସେନାପତି ରୋଡ଼ଙ୍ଗ ବକ୍‌ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ । | |
| <p> | ଆଉ କେତେ କେତେ କଥା, ଏମିତି ସେ କହି ଚାଲିଥାଆନ୍ତା, କିନ୍ତୁ ତାଙ୍କ ଦୋକାନଠୁ ଖଣ୍ଡେ ଦୂରରେ ଗୋଟେ ଗଣ୍ଡଗୋଳ ଲାଗିଯିବାରୁ କାଶି ସେ ଆଡ଼ିକି ଯେତେବେଳେ ଲକ୍ଷ୍ୟ କରେ, ନରି ସେଇ ଅବସରରେ ତା' ଅଖାମୁଣିଟିକି ଧରି ଚାଲିଯିବାକୁ ବସିଥିଲା । କାଶି କହିଲା – ଆଉ କିଛି ସମୟ ବସିଯିବାକୁ । | </p> |
| <p> | ନରି କହିଲା – କାମ ଅଛି, ଆଜି ଯାଉଛି । ପରେ କେବେ ଆସିବି । ଏଇ ପଦିକ କହି ଦେଲାବେଳେ ତା'ର ଦାଢ଼ି ସାଲୁବାଲୁ ମୁହଁରେ ହସର ଟୁକୁରାଟିଏ ମୁକ୍ତା ଭଳି କ୍ଷଣେ ଝଲସି ଉଠିଲା । | </p> |
| <p> | କାଲି ସେ ସ୍ୱର୍ଗଦ୍ୱାର ଷ୍ଟେସନରୁ ଫେରିବା ବାଟରେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଗାଧୋଇ ଶ୍ୱେତମାଧବଙ୍କୁ ଦର୍ଶନ କରି ଆସିଥିଲା ଘରେ ପହଞ୍ଚି ପୁଣି ମୁଣ୍ଡ ଧୋଇ ଗାଧୋଇବା ଆଗରୁ ଶୁକୁଟା କଥା କହୁ କହୁ ବୋଉ ଓ ନିରୁଙ୍କ ଆଗରେ ସେ କାନ୍ଦି ପକେଇଲା । ଗାଧୁଆ ପାଧୁଆ ସାରି ସିଧା ଦୋକାନକୁ ଗଲା । ଦୋକାନ ବନ୍ଦ କରି ଘରକୁ ଫେରିଲା ବେଳକୁ ଶୁକୁଟା କଥା ଅଧାଅଧି ସେ ଭୁଲି ସାରିଲାଣି । କିନ୍ତୁ ତା'ର ଅଧାଜଳା ଦେହଟା ନିଆଁରେ ଯେପରି ଫୁରୁଫୁରୁ ହୋଇ ଜଳୁଥିଲା । ସେ ଦୃଶ୍ୟଟା ପୁଣି ତା' ଆଖି ଆଗରେ ପୂରା ନାଚି ଉଠିଲା । | </p> |
| <p> | ସେଦିନ କିନ୍ତୁ ଘରେ ପହଞ୍ଚିଲାବେଳକୁ ଶୁକୁଟା କଥା ସେ ଭୁଲି ସାରିଲାଣି । ତଳେ ହାତଗୋଡ଼ ଧୋଇହୋଇ, ବେଗି ଦି'ଟା ପାହାଚ ଉଠି କୋଠା ଉପର ଶୋଇଲା ଘରେ ଯାଇ ଦେଖେତ – ବୋଉ ଯାଇ ତଳ ଗମ୍ଭିରୀ ଘରେ । ନିରୁ ପୂର୍ଣ୍ଣଚନ୍ଦ୍ରକୁ କୋଳରେ ଜାକି ବସି ରହିଛି । କୁନ୍ଥେଇ କୁନ୍ଥେଇ ସେ କାନ୍ଦୁଥିବାରୁ ନିରୁ ସେଇଠି ଘରର ସିମେଣ୍ଟ ଚଟାଣ ଉପରେ ଗୋଡ଼ ଲମ୍ବେଇ ବସିଯାଇ ପୁଅ ମୁହଁଟାକୁ ଛାତି ଲୁଗା ଭିତରେ ଭର୍ତ୍ତିକରି ଦେବାରୁ ତା'ର କାନ୍ଦ ବନ୍ଦ ହୋଇଗଲା । ମା' ପୁଅ ଦିହିଁଙ୍କ ସେ ଚାହିଁ ରହିଛି, କେଜାଣି କାହିଁକି ତତ୍‌କ୍ଷଣେ ତା' ମନରେ ଈଶ୍ୱରଙ୍କ ଭାବନାଟା ଆସି ପଶିଗଲା । ଭାବିଲା – ଗୋଟିଏ ସ୍ଥଳୀରେ ପ୍ରଭୁଙ୍କର ସବୁ ସର୍ଜନାଯାକ କ'ଣ ଏକାଠି କେନ୍ଦ୍ରୀଭୂତ ହୋଇ ରହିଯାଇଛି ? ମା' ପୁଅ ଦିହିଁଙ୍କୁ ଆଖି | </p> |

| | | |
|---|---|---|
| | ପୁରେଇ ଚାହିଁଥିଲା ବେଳେ ତା' ନିଜର ଆଉ ଗୋଟିଏ ସତ୍ତା ଶିଶୁରେ ପରିଣତ ହୋଇ ପୂର୍ଣ୍ଣଚନ୍ଦ୍ର ଭଳି ନିରୁର ଶାଢ଼ୀ ଭିତରେ ମୁହଁ ଭର୍ତ୍ତି କରିଦେଲା ଭଳି ତା'ର ମନେହେଲା । | |
| <p> | ପାଖଘରେ ଲୁଗା ବଦଳିଲା ବେଳକୁ ମୁହଁରେ ଆନନ୍ଦର ପ୍ରଲେପ ବୋଳିହୋଇ ମାତୃତ୍ୱର ଗୌରବରେ ଫୁଲି ଫୁଲି ପୁଅମୁଣ୍ଡର କହରା ବାଳକୁ ନିରୁ ସଜାଡ଼ିବାରେ ଲାଗିଥାଏ । ଲୁଗା ବଦଳି ସାରି ପୁଅକୁ ଧରିବ ବୋଲି କାଶି ଯେତେବେଳେ ହାତ ବଢ଼େଇଦିଏ, ନିରୁ ପ୍ରଥମେ ତାକୁ ଶିଖେଇଦେଲା – ଛୁଆକୁ କେମିତି ଧରିବାକୁ ହୁଏ । କାଶି କିନ୍ତୁ ମନେ ମନେ ହସୁଥାଏ – ଏଇ ସହଜ କଥାଟିକି ପ୍ରକୃତରେ ସେ କ'ଣ ଜାଣିନି ? ଏଇଆ ଯେ ଧରୁ ଧରୁ ହାତରୁ କାଳେ ଖସିପଡ଼ିବ ବୋଲି ତାକୁ ଡର ମାଡ଼େ । ନିରୁ ଏତିକିବେଳେ ଠିଆ ହୋଇପଡ଼ି କହିଲା – ହେଇଟି, ଛୁଆକୁ ଏମିତି ନିବିଡ଼ ଭାବରେ କୋଳରେ ଜାକି ଧରିବାକୁ ହୁଏ । କାନ୍ଧରେ ପକେଇଦେଲେ କି ଧରି ବୁଲେଇ ଆଣିଲେ ସେମାନେ ଆରାମରେ ଶୋଇ ଯାଆନ୍ତି । କଥାକୁ ଲମ୍ବେଇ ଲମ୍ବେଇ ପୁଣି କହିଲା – ହେଇ ଏମିତି ଧରିଲେ ଛୁଆ କନ୍ଦାକଟାର ପ୍ରଶ୍ନ ଆଉ ନଥାଏ । ପିଲାଙ୍କୁ ସବୁବେଳେ କିନ୍ତୁ ଜାକି ଧରିବାଟା ଭଲ ନୁହେଁ । ସେମାନେ ଧରା ସୁଆଗି ହୋଇଯାଆନ୍ତି । ଏକା ଶୋଇ ରହିବାକୁ ମୋଟେ ଆଉ ସେମାନଙ୍କୁ ଭଲ ଲାଗେନି । | </p> |
| <p> | ନିରୁର ଏଇ ଉପଦେଶଗୁଡ଼ିକୁ କାଶି ଢକଢକ କରି ପିଇ ଲାଗିଥିଲେ ହେଁ ଚାହିଁ ରହିଥାଏ ଖାଲି ତାଆରି ମୁହଁର ଗଢ଼ଣକୁ । ଆଖି ଫେରେଇ ଚାହୁଁଥାଏ ପୁଣି ପୁଅ ମୁହଁକୁ । ପୁଅର କୁନି କୁନି ବିଜୁଳା ଓଠ, ନାକର ଗଢ଼ଣ ଠିକ୍ ମାଆ ଭଳି । ବଡ଼ ହେଲେ ସେଇ ନାକ ପୁଣି ମାଆ ନାକ ଭଳି ଛୁଞ୍ଚିମୁନିଆ ହୋଇଯିବ । ଯେଉଁଥିପାଇଁ ନିରୁ ମୁହଁଟା ଏତେ ସୁନ୍ଦର ଦିଶେ । ପୁଅ ମୁହଁର ସେଇ ଜାଗାଟାକୁ ଖାଲି ଲକ୍ଷ୍ୟ କରୁଥାଏ । ସେ ଜାଗାଟା ଠିକ୍ କେଉଁଠିଟି ? କାନମୂଳ ନା ବେକ ପାଖ ? ଭ୍ରୁଲତାକୁ ମିଶେଇ ତଳ ଆଖିପତା ଯାଏ ତ ସେ ଏକ ସମ୍ମୋହନ ବୃତ୍ତ । ତାଆରି ତଳକୁ ମନ୍ଦାର ଫୁଲର କଢ଼ି ଭଳି ତା'ର ଦି' ଫାଳ ବୁଜିଲା ଓଠ ଓ ଶୁଆ ଥଣ୍ଟିଆ ନାକର ଅଗ୍ରଭାଗ । ମା' ପୁଅ ଦିହିଁଙ୍କର ଓଠ, ନାକ ଓ ଆଖି ଏକା ସମାନ । କପାଳଟା କିନ୍ତୁ ତା ନିଜ ଭଳି । | </p> |
| <p> | କାର୍ତ୍ତିକ ମାସ ଗୋଟାକଯାକ ସହରର ରାସ୍ତାଘାଟ ଓ ମନ୍ଦିରରେ ଲୋକ ଭର୍ତ୍ତି । ସବୁ ବର୍ଷ ପରି ସେଥର କାର୍ତ୍ତିକ ମାସ ବଡ ଏକାଦଶୀଠୁ ଲାଗିରହିଲା ପ୍ରବଳ ଲୋକ ଭିଡ଼ । କାର୍ତ୍ତିକ ଶୁକ୍ଳ ଏକାଦଶୀର ଅନ୍ୟ ନାମ ହରିଉତ୍‌ଥାନ ଏକାଦଶୀ । ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ଯାଏ ସବୁ ଦେବାଦେବୀ ଏଠି ଶୟନ କରନ୍ତି, ଚତୁର୍ମାସ୍ୟା ଚାରି ମାସ । କାର୍ତ୍ତିକ ଏକାଦଶୀ ତିଥିରେ ପ୍ରଭୁ ରାମଚନ୍ଦ୍ର, ରାବଣ ନିଧନ ପାଇଁ ମା' ଦୁର୍ଗାଙ୍କୁ ଉପାସନା କରିଥିଲେ ବୋଲି ସେହି ବିଧିବିଧାନଯାକ ପ୍ରଚଳିତ ରହିଛି ଶ୍ରୀମନ୍ଦିରରେ । ଯିଏ ଜଗତର ନାଥ ଜଗନ୍ନାଥ, ସେହି ତ ରାବଣ ନିଧନକାରୀ ପ୍ରଭୁ ରାଘବେନ୍ଦ୍ର । ଦ୍ୱାଦଶୀ, ତ୍ରୋୟୋଦଶୀ ତିଥିରେ ମଦନମୋହନଙ୍କୁ ଜଗମୋହନରେ ଉପବେସନ କଳାପରେ ଚତୁର୍ଦ୍ଦଶୀ ଦିନ ଲକ୍ଷ୍ମୀ ଠାକୁରାଣୀ ଆସି ମଦନମୋହନଙ୍କ ସାଙ୍ଗେ ମିଳିତ ହୁଅନ୍ତି ରାସଲୀଳା ପାଇଁ । କାର୍ତ୍ତିକ ପୂର୍ଣ୍ଣମୀରେ ମଦନମୋହନଙ୍କ ଅଭିଷେକ ଉତ୍ସବ । ତାଙ୍କୁ ସେଦିନ ପଞ୍ଚାମୃତ ଜଳରେ ସ୍ନାନ କରେଇବାର ବିଧି ଜଗମୋହନରେ । | </p> |
| <p> | ପୂର୍ଣ୍ଣମୀକି ଚତୁର୍ଦ୍ଦିଗରୁ ଲୋକ ଆସି ଭରିଯିବାରୁ ପୁରୀ ସହର ଘୁ-ଘୁ କମ୍ପି ଉଠିଲା । ଦୋକାନରେ ବିକ୍ରିବଟା ବଢ଼ିଗଲା । ପ୍ରଭୁଙ୍କର ଏହି ରାସକ୍ରିଡ଼ା ଦିନରେ କୀର୍ତ୍ତନିଆ ଭାଇମାନେ ନିଜ ନିଜର ଧ୍ୱଜାଦଣ୍ଡ ଓ ଖୋଳ କରତାଳ ଧରି ଦଳକୁ ଦଳ ମନ୍ଦିର ଚତୁଃପାର୍ଶ୍ୱରେ ଘେର ଖାଇଲେ । ସନ୍ଧ୍ୟାବେଳୁ ସକାଳ ପାହିଲା ଯାଏ ଲାଗିରହିଲା ଭଜନ ସମାରୋହ ସିଂହଦ୍ୱାର ମୁହଁରେ । ସାରା ରାତି ଲୋକେ ଧାଡ଼ି ଲାଗିଲେ ସମୁଦ୍ର | </p> |

| | | |
|---|---|---|
| | ମୁହାଁ ଓ ପବିତ୍ର ପୁଷ୍କରିଣୀ ଆଡ଼େ । ସେଦିନ ନାହାଭସା । ନାନାକଥା ଏମିତି ଭାବିଚିନ୍ତି କାଶି ସକାଳୁ ସକାଳୁ ଆସି ଦେଖେତ – ଦୋକାନରେ ଜୋର୍‌ସୋର୍‌ରେ ବିକ୍ରିବଟା ଚାଲିଛି । ସାରାରାତି ଦୋକାନ ଖୋଲା । ଗତ ରାତିରୁ ଦୋକାନ ଚାବି ଥିଲା ସତ୍ୟ ପାଖେ । କାଶି ସେଦିନ ଦୋକାନକୁ ଆସି ପହିଲେ ଅନେଇ ଦେଲା ସୋକେଶ୍ ଆଡ଼େ । ଯାତ୍ରା ଦିନରେ ଆଉ କ'ଣ ସବୁ ଦର୍କାର, ତାକୁ ତିଆରି କରିବାକୁ ପଡ଼ିବ । ଚତୁର୍ଦ୍ଦିଗରେ ପାଣି ଛିଞ୍ଚି, କାନ୍ଥ ଖୋପରେ ଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତ୍ରିମୂର୍ତ୍ତିଙ୍କୁ ପ୍ରଣାମ ଜଣାଇ, ତାଙ୍କ ସାମ୍ନାରେ ଦୀପ ପ୍ରଜ୍ୱଳିତ କରି, ଦିଅଁଙ୍କ ସାମ୍ନାରେ ଧୂପକାଠି ଦେଖେଇ ଓ ସେଇ ଅଧାଜଳା ଧୂପକାଠିକି କ୍ୟାସ୍ ଡ୍ର ଖୋଲି ତା' ଭିତରେ ବୁଲେଇ ଆଣିଲାରୁ ତା' ଭିତରଟା ଯେମିତି ଧୂପ ଧୂଆଁରେ ଭରିଯାଇଛି, କାଶି କାଉଣ୍ଟର ପାଖ ଚଉକିରେ ବସି ପୁଣି ଥରେ ଗୁଣୁଗୁଣୁ ହୋଇ କି ଗୋଟେ ଶ୍ଳୋକ ବୋଲି ଦେଲା । ଦୋକାନ ଘଣ୍ଟିରେ ଠନ୍‌ଠନ୍ ହୋଇ ସେତେବେଳେ ଆଠ୍ ବାଜିଲା । | |
| <p> | କାଶି ଦେଖିଲା – ଦୋକାନରେ ତିନି ଚାରିଜଣ ଗ୍ରାହକ ସିଙ୍ଗଡ଼ା, ଛେନାପୋଡ଼ ସାଙ୍ଗକୁ କପେ କପେ ଚା' ଧରି ଗପରେ ମାତିଛନ୍ତି । ସେମାନେ ହେଲେ ପୁରୀ ବାହାରର ଲୋକ । ମନ୍ଦିର ସମ୍ବନ୍ଧରେ ସେମାନେ କଥା ହେଉଥାଆନ୍ତି । ତାଙ୍କ ଭିତରୁ ଜଣେ, ଯିଏ ମନ୍ଦିରର ରୀତିନୀତି ସମ୍ବନ୍ଧରେ ଅଳ୍ପେ ବହୁତେ ଜାଣନ୍ତି, ସେ କହି ଚାଲିଥିଲେ - | </p> |
| <p> | ସେଦିନ କ୍ଷେତ୍ର ପରିକ୍ରମା ସାଙ୍ଗକୁ ବାରୁଣୀ ସ୍ନାନଯୋଗ ଥାଏ ମହୋଦଧିରେ । ପଞ୍ଚକୋଶୀ ଲୋକେ ପିଲା କବିଲାକୁ ସାଙ୍ଗରେ ଧରି ରାସ୍ତାଘାଟରେ ଗହଳି ଲଗେଇ ଥାଆନ୍ତି । କ୍ଷେତ୍ର ପରିକ୍ରମାର ନିୟମ ହେଲା – ପ୍ରଥମେ ମାର୍କଣ୍ଡ ପୁଷ୍କରିଣୀକୁ ଯାଇ ତା'ର ପବିତ୍ର ଜଳ ସିଞ୍ଚି ହେଲାପରେ ସେଠୁ ସିଧା ଚାଲିଯିବାକୁ ପଡ଼େ ବାଲିସାହି ରାସ୍ତାରେ ଉଗ୍ରସେନ ଆଶ୍ରମକୁ । ସମୁଦ୍ର ସ୍ନାନଯୋଗର ଆରାଧ୍ୟ ଦେବତା ହେଲେ ପ୍ରଭୁ ଉଗ୍ରସେନ । ଉଗ୍ରସେନଙ୍କୁ ପ୍ରଣାମ କରି, ଶ୍ୱେତଗଙ୍ଗାର ଜଳ ସିଞ୍ଚି ହେଲାପରେ ସେଠି ଶ୍ୱେତମାଧବଙ୍କୁ ଦର୍ଶନ କରିବା ବିଧି । ତା'ପରେ ମହୋଦଧି ଦର୍ଶନ । ମହୋଦଧିର ପବିତ୍ର ଜଳ ସିଞ୍ଚି ହୋଇ, ସ୍ୱର୍ଗଦ୍ୱାର ଶ୍ମଶାନରେ କ୍ଷଣେ ଆଖି ପକେଇ ସେଇଠୁ ସିଧା ଚାଲିଯିବାକୁ ପଡ଼େ ବଳିଆପଣ୍ଡା । ବହୁପୂର୍ବେ ବଳିଆପଣ୍ଡା ନାମଧେୟ ଜଗନ୍ନାଥଙ୍କ ସେବକ ଜଣେ, କ୍ଷେତ୍ର ପରିକ୍ରମାବେଳେ ଲୋକଙ୍କୁ ତୋରାଣୀଛତ୍ର ଦାନ କରୁଥିଲେ । ତୃଷାର୍ତ୍ତଙ୍କୁ ତୋରାଣିଛତ୍ର ଦାନ କରିଥିବାରୁ ଲୋକେ ଅତି ଆଦରରେ ସେ ସ୍ଥାନଟିର ନାମକରି କରିଥିଲେ ବଳିଆପଣ୍ଡା । ବଳିଆପଣ୍ଡା ପରେ ପ୍ରଭୁ ଯମେଶ୍ୱରଙ୍କ ଉଠାଣି । ତାଆରି କଡ଼ବାଟରେ ଚାଲିଗଲେ ବାବା ଲୋକନାଥଙ୍କୁ ଦର୍ଶନ କରିବାକୁ ପଡ଼େ । ତା' ପରେ ସେଠି ସିଧା ଚାଲିଯିବାକୁ ହୁଏ ମୋଟିତୋଟା ପାଖରେ ମାଟିଆପଡ଼ା ଓ ଖଣ୍ଡିଆବନ୍ଧ । ଖଣ୍ଡିଆବନ୍ଧ ପାଖକୁ ମିଟିଆଣି । ଲୋକେ କୁହନ୍ତି – ନରେନ୍ଦ୍ର ପୁଷ୍କିରଣୀ ଖୋଳାହେବା ଆଗରୁ ଏହି ମିଟିଆଣିରେ ପ୍ରଭୁଙ୍କ ଚାପଖେଳ ହେଉଥିଲା । ବର୍ଷାଦିନେ ଭାର୍ଗବୀ ଶାଖା ମଙ୍ଗ ନଇ ସାଙ୍ଗେ ମିଟିଆମି ମିଶିଗଲେ ବନ୍ଧର ଚିହ୍ନବର୍ଣ୍ଣ ରହେନି । ପାଣି ଶୁଖିଗଲେ ସେ ହୁଏ ଖଣ୍ଡିଆବନ୍ଧ (ପୁଷ୍କରିଣୀ) । ରଥଡାହୁକମାନଙ୍କର ଏ ହେଲା କୁଆଡ଼େ ଆଦି ଜନ୍ମଭୂମି ଓ ଏହି ରଥଡାହୁକମାନେ ଅସବର୍ଣ୍ଣ, ଭୋଇ ବାଉରୀ ଜାତିର ହେଲେ ହେଁ ସେମାନେ ସୌଗତ ସମ୍ପ୍ରଦାୟର । ସେ କାଳର ଶୂନ୍ୟବାଦୀ, ସୂର୍ଯ୍ୟ ଓ ଅଗ୍ନି ଉପାସକ, ଅଙ୍ଗିରସୀ ଅଥବା ଅଙ୍ଗାରୁଆ, ମାଟିଆ, କଳାବେଠିଆ (ରଥଟଣା ପାଇଁ ଅଭିପ୍ରେତ ଶବର ଜାତିର କୃଷ୍ଣକାୟ ଲୋକେ) ଅଜାତିଆ ଶୂଦ୍ର ଭାବରେ ପରିଚିତ ବିପୁଳ ଜନଗଣ ଓ କେତେକ ମତ ଦିଅନ୍ତି ନିମ୍ନ ଶ୍ରେଣୀର ମାଟିଆ ଏପରିକି ମସ୍ତାନୀ ବ୍ରାହ୍ମଣମାନେ, ଯେଉଁମାନେ ଏ ମାଟିର ଚେରରୁ ଜନ୍ମ, ସମସ୍ତେ ତ ସେଇ ପତିତ ବୌଦ୍ଧ । କେଉଁ ଅତୀତ କାଳରୁ ଖଣ୍ଡିଆବନ୍ଧ ଏକ ତୀର୍ଥର ଗୌରବ ଅର୍ଜନ କରିଛି । ଇନ୍ଦ୍ରଦ୍ୟୁମ୍ନରୁ ଆଗେଇଗଲେ ଚକ୍ରତୀର୍ଥ, ପ୍ରଭୁ | </p> |

| | | |
|---|---|---|
| | ଚକ୍ରନାରାୟଣଙ୍କ ମନ୍ଦିର, ଲକ୍ଷ୍ମୀ ଠାକୁରାଣୀଙ୍କ ବାପଘର ବରୁଣ ମନ୍ଦିର ରୋହିଣୀ କୁଣ୍ଡର ପାଣି ଛିଞ୍ଚିହୋଇ କଳ୍ପବଟ ଦର୍ଶନ କଲେ ପୂନର୍ଜନ୍ମ ହୁଏନାହିଁ । | |
| <p> | ଏହି ଶ୍ରୀକ୍ଷେତ୍ରର ଗୋଟେ ପଟେ ଯମେଶ୍ୱରରେ, ଆରପଟକୁ କୋଣାର୍କ ରାସ୍ତାରେ ବାଲେଶ୍ୱର, ଗୋଟେ ପଟେ ବାଟମଙ୍ଗଳା, ଆରପଟକୁ ଘାଟମଙ୍ଗଳା, ଗୋଟେ ପଟେ ନୀଳକଣ୍ଠ, ଆରପଟେ ଲୋକନାଥ, ଏପଟେ ଦକ୍ଷିଣୀ କାଳୀ ହେଲେ ଆରପଟେ ଅଲମ୍ବା, ମଧ୍ୟସ୍ଥଳୀରେ ମରୀଚିକା ଓ ଅର୍ଦ୍ଧାସନୀ । ସଙ୍ଖାକୃତି ଶ୍ରୀକ୍ଷେତ୍ରର ଦେବଦେବୀମାନ ସତେକି ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଚତୁର୍ଦ୍ଦିଗରୁ ଯୋଡହସ୍ତରେ ଚାହିଁ ରହିଛନ୍ତି । | </p> |
| <p> | କାଶିର ଖା'ପିଅ ସରିଲା ପରେ ନିରୁର ପାଳି । ନାତି ହେଲାପରେ ଶାଶୁ, ଘର କଥାରେ ବେଶି ଆଉ ମୁଣ୍ଡ ଖେଳାନ୍ତିନି । ଅହର୍ନିଶ ନାତିକି ଧରି ବସି ରହିଥାଆନ୍ତି । ତାଙ୍କ ଖିଆପିଆ ଆଦି ସଞ୍ଜବେଳୁ ଏବେ ସରିଯାଏ । ବୋହୂ ପିଲେଇତି ହେଲାପରେ ଆଗ ଆଗ ବେଳର ଧରାଟ ଆଉ ନାହିଁ । ଘର ଏଣିକି ଆଉ ଶାଶୁଙ୍କର ନୁହେଁ, ନିରୁର । କାଶି ଖଟ ଉପରେ ଗଡ଼ିଯାଇଛି, ପୂର୍ଣ୍ଣଚନ୍ଦ୍ର ଏତିକି ବେଳ କ'ଣ ଗୋଟେ ସ୍ୱପ୍ନ ଦେଖିଲା ବୋଧେ । ପ୍ରଥମେ ସେ ମୁରୁକି ହସିଦେଲା ତା'ପରେ ନିଦରେ ବିଳିବିଳେଇ ଉଠି କାନ୍ଦିବାକୁ ଆରମ୍ଭ କଲାବେଳକୁ ନିରୁ ତା' ପାଖକୁ ଲାଗି ଶୋଇଯାଇ, ଆଉରି ପାଖକୁ ତାକୁ ଟାଣିଆଣି, ଯେମିତି ତା' ମୁହଁଟାକୁ ଛାତି ଲୁଗାଭିତରେ ଭର୍ତ୍ତି କରିଦେଇଛି, ଦି' ଚାରି କଳ ଚୁଚୁମି ଦେଇ ସେ ମହାଆରାମରେ ଶୋଇଗଲା । ନିରୁ ଥାପୁଡେଇ ଥାପୁଡେଇ ତାକୁ ଶୁଆଇଦେଲା । | </p> |
| <p> | କାଶି ବି ସେଇଆ ଚାହୁଁଥିଲା । ପୁଅ ଯେମିତି ଶୋଇଯାଇଛି, ସେ ଆରମ୍ଭ କଲା – ଶଶୁରେ କେମିତି ତାକୁ ଦୋକାନକୁ ପଠେଇ ଦେଲେ । ପ୍ରଥମେ କହିଲେ – ଦି'ଚାରି ଦିନ ପାଇଁ ଗୋଡ଼ି ସିମେଣ୍ଟ ଦୋକାନରେ ବସିବାକୁ, ପୁଣି କହିଲେ – ନାଇଁ ଥାଉ । ଦୋକାନରେ ସେଦିନ ସାତ ହଜାର ଟଙ୍କା ବିକ୍ରୀ ବୋଲି ସେ କଥା ବି ନିରୁକୁ କହିବାକୁ ସେ ଛାଡିଲାନି । ଆଉରି ସେ ତାକୁ କହିଦେଲା – ତା' ଭିତିରି ଇଚ୍ଛାଟାକୁ । ଦରକାର ତା'ର ଗୋଟିଏ ଲୁନା । ଚାଲି ଚାଲି ବା ରିକ୍‌ସା କରି ଯା' ଆସ କରିବା ଅପେକ୍ଷା, ଲୁନାଟିଏ ହେଲେ ଭଲ । ତାକୁ ସାଇକେଲ ଜଣାଥିଲେ ବି ସାଇକେଲ ପାଇଁ ସେ ରାଜି ନୁହେଁ । ଏବେ ତ ଚତୁର୍ଦ୍ଦିଗରେ ସ୍କୁଟର ମଟର ସାଇକେଲ ମାଳ ମାଳ । ଲୁନାଟିଏ ରଖିଲେ ଚାରିଆଡ଼ିକି ସୁବିଧା । କେବଳ ସାହିରେ ନୁହେଁ, ସହରରେ ତା' ର ପତିଆରା ବଢ଼ିଯିବ । ଆର ଦୋକାନର ପଦିଆ କହିଛି – ତାକୁ ଲୁନା ଚଢ଼ା ସେ ଶିଖେଇ ଦେବ । ଅନ୍ତରର ସବୁ କଥାଯାକ ନିରୁ ଆଗରେ ଗୋଟି ଗୋଟି କରି ସେ କହିଗଲା । | </p> |
| <p> | ୟାଙ୍କର ଏ ଲୁନାଚଢ଼ା କଥାଟା ଶୁଣି ନିରୁ ପେଟେ ହେବ ହସିଦେଲା । ସ୍ତ୍ରୀ ସୁଲଭ ଗୁଣରେ ହସି ଦେଲା ସିନା, ଛାତି ତାର କୁଣ୍ଢେମୋଟ ହୋଇଗଲା । ଭାବିଲା – ଯାହା ହେଉ ୟାଙ୍କର କେଡ଼େ କେଡ଼େ ଉଚ୍ଚ ଆକାଂକ୍ଷା ସବୁ ରହିଛି । ଦିନେ ନା ଦିନେ ସେ କାହିଁ ଉପରକୁ ଉଠିଯିବେ । | </p> |
| <p> | ଏମିତି ହସାହସି ହୋଇ ତକିଆ ପାଖକୁ ଲମ୍ବିଥିବା କାଶିର ବଳିଷ୍ଠ ବାହୁ ଉପରେ କଥା ନ ହସରେ ସେ ଗଡିଗଲା ବେଳକୁ କାଶି ତତ୍‌କ୍ଷଣାତ୍ ଗୋଟା ସୁଦ୍ଧା ତାକୁ ପାଖକୁ ଟାଣିଆଣି, ତା' ମୁଖପଦ୍ମକୁ ଦି ହାତରେ ତୋଳି ଧରି ବୁହେଯାଏ ଖାଲି ଚାହିଁରହିଲା । ପୂର୍ଣ୍ଣଚନ୍ଦ୍ର ଜନ୍ମହେଲା ପରେ ସେଇ ହେଲା ପ୍ରଥମ – ଯେପରି ଅବା ସେ ତାକୁ ବହୁଦିନ ହେଲା ଦେଖିନି । ନିରୁ କ'ଣ କ'ଣ ସବୁ କହି ଆସୁଥିଲା, କିଛି ତାକୁ ସେ କୁହାଇ ଦେଲାନି । କିଛି କହି ନ ପାରି ଅର୍ଦ୍ଧନିମିଳିତ ନୟନରେ ତାଙ୍କୁ ଖାଲି ଚାହିଁ ରହିଲା । କାଶିର ବାହୁବନ୍ଧନରୁ ନିଜକୁ କାଢ଼ିନେବାକୁ ତା'ର ଆଉ ଶକ୍ତି ନଥାଏ । ବହୁ ଆକାଂକ୍ଷିତ ଦି'ଟି ଶରୀର ସେଇ ରାତିରେ ମିଶି ଏକାକାର ହୋଇଗଲା । | </p> |

| | | |
|---|---|---|
| <p> | ଆଗତ ଭବିଷ୍ୟତ କଥା ଜାଣିବା ମଣିଷ ପକ୍ଷରେ ଅଗମ୍ୟ ହୋଇରହିଥିଲେ ହେଁ, ବହୁ ବହୁ ଘଟଣା ଆଗୁଆ କିନ୍ତୁ ଜଣାପଡ଼ିଯାଏ ବଡ଼ ଅପ୍ରତ୍ୟାଶିତ ଭାବରେ । ତାକୁ କହନ୍ତି ପୂର୍ବାଭାସ । ସେ ସବୁ ସୂଚେଇ ଦିଏ – କ'ଣ କ'ଣ ସବୁ ଘଟିବାକୁ ଯାଉଛି । | </p> |
| <p> | କାଶି ସବୁଦିନେ ତାଙ୍କ ହରଚଣ୍ଡୀ ସାହି ଘରୁ ବାହାରି, ଦୋକାନକୁ ପଦବ୍ରଜରେ ଯାଏ ନିର୍ଦ୍ଦିଷ୍ଟ ଗୋଟି ରାସ୍ତାରେ – ମନ୍ଦିରର ଦକ୍ଷିଣଦ୍ୱାର ବାଟେ ସିଂହଦ୍ୱାର ସାମ୍ନା ଦେଇ ରାଜନଅର ଛକକୁ । ସେଦିନ ତା'ର ମନେ ହେଲା – ଦକ୍ଷିଣଦ୍ୱାର ବାଟେ ନ ଯାଇ ଘୂରିଯିବ ସେ ମନ୍ଦିରର ଉତ୍ତରଦ୍ୱାର ରାସ୍ତାରେ – ଚେମିଣି ଦ୍ୱାର ବାଟେ । ଦାମ ସେନାପତି ଦୋକାନଟା ସେଇ ବାଟରେ ପଡ଼େ । ତାଙ୍କ "ମହାସୁଆର ମିଷ୍ଟାନ୍ନ ଭଣ୍ଡାର"ର ସେ ଜଣେ ନିୟମିତ ଗ୍ରାହକ । ଏବେ ସେ ପ୍ରାୟ ହପ୍ତେ ହେଲା ତାଙ୍କ ଦୋକାନକୁ ଆସିନି । ସେ ବି ତା'ର ଜଣେ ଶୁଭାକାଂକ୍ଷୀ । ତାଆରି ଯୋଗୁ କୋଲ୍‌ଡ୍ରିଂକ ବ୍ୟବସାୟଟା ଏତେ ଟେକିପାରିଛି । ତା' ଦୋକାନର ଚାରିଭାଗେ ଆୟ ଏଇ କୋଲ୍‌ଡ୍ରିଙ୍କରୁ । କାଶି ଖବର ପାଇଥିଲା ଯେ ଦାମ ସେନାପତି ଗାଁରେ ଭାଇ ଭାଇଙ୍କ ଭିତରେ କ'ଣ ଗୋଟେ ଘମାଘୋଟ ଗଣ୍ଡଗୋଳ ଲାଗିଥିବାରୁ ହପ୍ତେ ହେଲା ସେ ତାଙ୍କ ଦୋକନକୁ ଆସିପାରିନି । ଖବରଟାର ସତ୍ୟାସତ୍ୟ କାହାକୁ ସେଠି ହେଲେ ପଚାରିଦେଲେ ସେ ବୁଝି ଦେଇ ପାରିବ । ଦେଖିଲା – ଦାମ ସେନାପତି ଦୋକାନବନ୍ଦ । ପାଖ ଦୋକାନୀଠୁ ବୁଝିନେଲା – ସାତ ଦିନ ହେଲା ବନ୍ଦ ହେଲାଣି । ଉତ୍ତରଦ୍ୱାର ରାସ୍ତାରେ ଆସିବାରୁ ସତଘଟଣାଟା ସେ ଜାଣିନେଲା । | </p> |
| <p> | ସେଇବାଟ ଦେଇ ଗଲେ ସ୍ୱପ୍ନରେ ବି ସେ ଭାବି ନଥିଲା ଯେ ହରିହର ସୁଆରଙ୍କ ସାଙ୍ଗେ ମୁହାଁମୁହିଁ ତା'ର ଦେଖା ହୋଇଯିବ । ମନ୍ଦିର ଉତ୍ତରଦ୍ୱାର ସାମ୍ନା – ଯେଉଁଠି ମନ୍ଦିରର ଅଳିଆ ଅସକରା ଓ ଅଭଡ଼ା କୁଡ଼ୁଆର ଛୋଟ ବଡ଼ ଖପରାଯାକ ଜମି ପାଚେରୀ ପାଖରେ ଛୋଟ କାଟର ପାହାଡ଼ଟିଏ ସୃଷ୍ଟି କରିଛି ଓ ସେଇଠି କେମିତି ଗୋଟେ ଗମରା ଗନ୍ଧ ବାହାରି ଜାଗାଟାକୁ ଦୂଷିତ କରେ । ଟ୍ରକରେ ସେଦିନ ସେଠୁ ମଇଳା ଖଲାସ ହେଉଥାଏ । କାଶି ଦେଖିଲା – ହରିହର ସୁଆର ବସିଥାଆନ୍ତି ମଟର ସାଇକେଲ ପଛ ସିଟ୍‌ରେ । ତାଙ୍କୁ ଦେଖି ଦେଇ କାଶି ପାଦ ଚଞ୍ଚଳ କରିଦେଲା । ସେଇଠି ସେ ଠିକ୍ କଲା, ସିଧା ତାଙ୍କୁ ସେ ପଚାରିଦେବ – ସୁଷମା ତାଙ୍କ ଘରକୁ ଆସିବାକୁ ସେ କ'ଣ ତାକୁ ମନା କରିଛନ୍ତି ? କିନ୍ତୁ କାହିଁକି ? ସବୁ ତାଙ୍କୁ ସେ ପଚାରିବ ? କାଶି ମନକୁ ମନ ସେଇଠି ପ୍ରଶ୍ନ କରିବାରେ ଲାଗିଥାଏ । | </p> |
| <p> | ମଟର ସାଇକେଲ ଚାଳକ ଆଗରେ ବସି ଏତିକ ବେଳେ ଷ୍ଟାର୍ଟ ମାରିଦେଲେ । ଅଳ୍ପ ଧାଇଁଯାଇ ବୀର ଦର୍ପରେ ଉଡ଼ିଚାଲିଲା ଗାଢ଼ ଲାଲ୍ ରଙ୍ଗର ସେଇ ଦୁର୍ଦ୍ଦାନ୍ତ ଉଚୈଶ୍ରବ । କାଶି ଦେଖିଛି – ଚାଳକ ମହାଶୟ ହେଉଛନ୍ତି ଭାଗି ଦଇତାପତି । ଯାହାଙ୍କୁ ସେ ବହୁବାର ଦେଖିଛି ତାଆରି ଦୋକାନ ସାମ୍ନାରେ । ସେଇ ଯେଉଁ ବାଙ୍ଗେରା ଲୋକଟି ସାଙ୍ଗେ ଠିଆଠିଆରେ କେତେ କ'ଣ ସେ କଥା ହେଉଥାଆନ୍ତି, ତାଙ୍କୁ ସେ ଦେଖିଛି ଥରେ ଲକ୍ଷ୍ମୀଧର ବାବୁଙ୍କ ଘର ସାମ୍ନାରେ । ତାଙ୍କର ସେ ହେଲେ ସମ୍ବନ୍ଧ । ଏବେ ସେ ଧରିନେଲେଣି ପୁଣି ହରିହର ସୁଆରଙ୍କୁ । ହରିହର ସୁଆରେ ତ ସେମିତି କିଛି ଛୋଟକାଟିଆ ଲୋକ ନୁହନ୍ତି ? ତାଙ୍କୁ କିନ୍ତୁ ସେ ପଟେଇ ଦେଲେ କେମିତି ? ସେଇ ବୋଧେ ସୁଷମା ବିଷୟରେ କ'ଣ ତାଙ୍କୁ ଇଆଡୁ ସିଆଡୁ କହିଥିବେ ? କାଶି ସ୍ଥିର ନିଶ୍ଚିତ ହେଲା ଯେ ସୁଷମା ତାଙ୍କ ଘରୁ ନ ଆସିବାର ସେଇ ବୋଧେ ପ୍ରଧାନ କାରଣ ? ଏଇ ସବୁ ତାଙ୍କରି କାଣ୍ଡ । କାଶି କିଛି ତାଙ୍କୁ ଆଉ ପଚାରି ପାରିଲାନି । ଆଖିପିଛୁଳାକେ ଦିହେଁ ଦୋଳବେଦୀ କୋଣବାଟେ ଘୂରିଗଲେ । | </p> |
| <p> | ସହରରେ ଲୋକସଂଖ୍ୟା ଏବେ ବଢ଼ି ବଢ଼ି ଚାଲିଛି । ଲୋକଙ୍କ ଇଶ୍ୱର ବିଶ୍ୱାସ କିନ୍ତୁ କମି କମି ଆସିଲାଣି । ଇଶ୍ୱର ବିଶ୍ୱାସ କମିଯିବାରୁ ଏମାନେ ଟ୍ରେନ୍ ବସ୍ ଚଢ଼ି ଆସୁଛନ୍ତି ଏବେ ଦେବତାଙ୍କୁ ପରିଦର୍ଶନ | </p> |

| | | |
|---|---|---|
| | କରି । ପୂର୍ବେ ଯେମିତି ହଜାର ହଜାର, ଲକ୍ଷ ସଂଖ୍ୟାରେ ଲୋକେ ବିଭୁନାମ ସୁମରଣା କରି, ଧୂଳି ଧୂସରିତ ହୋଇ ଏଇ ଜଗନ୍ନାଥ ଧାମକୁ ଆସୁଥିଲେ, ସେ ଅବସ୍ଥା ଏବେ ଆଉ ନାହିଁ । ଗାଡ଼ିମଟର ସଂଖ୍ୟା ବଢ଼ିଯିବାରୁ ଲୋକଙ୍କ ଭକ୍ତିଭାବ ଓ ଈଶ୍ୱର ବିଶ୍ୱାସ କମି କମି ଆସିଲାଣି । ଦେବସ୍ଥଳୀ ସବୁ ଟୁରିଷ୍ଟ ସେଣ୍ଟରରେ ପରିଣତ ହେଲାଣି । ଲୋକେ ଦିଅଁ ଦର୍ଶନ କରିବାକୁ ମନ୍ଦିର ଚାଲିଥିଲାବେଳେ କାଶି ଦୋକାନରେ ବସିରହି ବିକ୍ରିଲବ୍ଧ ଟଙ୍କା ପଇସାକୁ ଡ୍ର ଖୋଲି ଗଣି ଲାଗିଥାଏ । ଏଣେ ନଜର ରଖିଥାଏ ବଡ଼ଦାଣ୍ଡର ଯାତ୍ରୀଦଳଙ୍କ ଉପରେ । | |
| <p> | ଦୋକାନରେ ବେଶି ବେଳଯାଏ ବସି ରହିବାକୁ ସେଦିନ ତା'ର ଆଉ ଇଚ୍ଛା ହେଲାନି । ଘରକୁ ଯାଉଛି ବୋଲି ସତ୍ୟକୁ କହିବା ଆଗରୁ ସେ ଭାବି ନେଇଥିଲା ଯେ ଏ ଯେଉଁ ଯାତ୍ରୀଦଳ ଆସିଛନ୍ତି, ସେମାନଙ୍କ ଭିତରୁ ଥୋକେ ଯେମିତି ହେଲେ ତାଙ୍କ ଦୋକାନକୁ ଆସିବେ । ଯାହା ସେ ଭାବୁଥିଲା, ସତ୍ୟ ଠିକ୍ ସେଇ କଥା ତାକୁ କହିଦେଲା । ଏଇ ଅବସରରେ ହିସାବପତ୍ର ମିଳେଇ, କ୍ୟାସ୍ ଗଣାଗଣି କରି ଦୋକାନ ଛାଡ଼ିଲାବେଳକୁ ଲାଗିଲା ପୂରା ଅଧଘଣ୍ଟେ । ସତ୍ୟକୁ ଚାବିଦେଇ ରାସ୍ତାରେ ହେଲାବେଳକୁ ରିକ୍ସା ଖଣ୍ଡେ ଧରି ପାଞ୍ଚମିନିଟ୍ ଭିତରେ ସେ ଯାଇ ଘରେ । ଶିକୁଳି ଖଡ଼ଖଡ଼ କଲାବେଳକୁ ରାତି ସାଢ଼େ ଦଶ୍ । | </p> |
| <p> | ଶିକୁଳି ଖଡ଼ଖଡ଼ କଲାବେଳେ କେମିତି ଗୋଟେ ଅଦ୍ଭୁତ ଭାବନା କାଶି ମନରେ ସେଦିନ ପଶିଗଲା । ବିରକ୍ତି ଭାବ ପଶିଯାଇ ପୁଣି ତା' ମନଟାକୁ ଭାରାକ୍ରାନ୍ତ କରିଦେଲା । ଭାବୁଥାଏ – ସବୁଦିନ ସେ ଖାଲି ଅନୁନୟ ବିନୟ ହୋଇ ଭିକ୍ଷା ମାଗିଲା ଭଳି ନିରୁକୁ ଅନୁରୋଧ କରୁଥିବ ଆଉ ସେ ଶୁଣୁ ନଥିବ, ଅବାଗିଆ କଥାସବୁ କହୁଥିବ, ଦରହସିଲା ହୋଇ ମୁହଁ ମୋଡୁଥିବ, ଆଡ଼େଇ ଚାଲିଯାଉଥିବ, ଶୁଣ୍ ଶୁଣ୍ ବୋଲି ଡାକିଲେ ନିରୁ ଖାଲି ପୂର୍ଣ୍ଣଚନ୍ଦ୍ରକୁ କୋଳରେ ପୂରେଇ ନ ଜାଣିଲା ଭଳି ଦୁରେଇ ରହୁଥିବ । କେମିତି ତା' ସ୍ୱଭାବ କେଜାଣି ? ବଡ଼ ବିରକ୍ତି କର ................ | </p> |
| <p> | କାଶିର ଏ ବିରକ୍ତି ଭାବଟା କିନ୍ତୁ ମୁହୂର୍ତ୍ତକରେ କୁଆଡ଼େ ଉଭେଇଗଲା, ଯେତେବେଳେ ସେ ନିତ୍ୟକର୍ମ ପରେ ଖିଆପିଆ ସାରି ଖଟ ଉପରେ ଆସି ଗଡ଼ିଗଲା । ଶୋଇଲା ଘର ଝରକା ଦେଇ ଜହ୍ନ ଆଲୁଅ ବିଛଣାଟାକୁ ଅଧା ଆଲୁଅ, ଅଧା ଅନ୍ଧାର କରିଥାଏ । କାଶି ଖଟରେ ଗଡ଼ିଯିବା ଆଗରୁ ଘର ଲାଇଟ୍ ଟାକୁ ଆଗ ଲିଭେଇ ଦେଲା । | </p> |
| <p> | ପୂର୍ଣ୍ଣଚନ୍ଦ୍ର ତୁନିତାନି ହୋଇ ଶୋଇ ଯାଇଥାଏ । ସେଦିନ କାନ୍ଦକଟା ନଥିଲା କି ଶୋରଶବଦ କିଛି ନ ଥିଲା । ନିରୁ ଆସି ଭିତର ପଟୁ ଶିକୁଳି ଦେଲାବେଳକୁ କାଶିକି ନିଦ ଲାଗିନି । ସେ ପୂରା ଚେହେଙ୍ଗା । ଯେମିତି ସେ ଆସି ନିଘୋଡ଼ ଶୋଇ ରହିଥିବା ପୂର୍ଣ୍ଣଚନ୍ଦ୍ରକୁ କୋଳକୁ ଆଣିବାକୁ ଉଦ୍ୟମ କରେ, କାଶି ତା' ହାତଧରି ବାରଣ କଲା ଓ ପାଖକୁ ଭିଡ଼ିଆଣି ତା' ମୁହଁଟିକି ଦି ହାତରେ ପ୍ରଥମେ ତୋଳି ଧରିଲା । ଏଇ ଅବସରରେ ଖଟରେ ପଡ଼ିଥିବା ଜହ୍ନ ଆଲୁଅ ତା' ମୁହଁକୁ ଆଉରି କଅଁଳ କରିଦେଲା । ଥରେ ନିରୁ ମୁହଁକୁ ଓ ଆଉ ଥରେ ଝରକା ସନ୍ଧିରୁ ଜହ୍ନ ଆଡ଼ିକି ଚାହିଁ ସେ ଖାଲି ତଉଲିବାରେ ଲାଗିଥାଏ - ପ୍ରକୃତରେ କିଏ ସୁନ୍ଦର ? ଜହ୍ନ ନା, ନିରୁ ?। | </p> |
| <p> | ଏମିତି ସବୁ ଭାବିଚିନ୍ତି, ଲୁନା ପୋଛିସାରିଲା ପରେ ତାଙ୍କ ଦାଣ୍ଡ ପଟିଆ ଗୁଆଁ ଘରୁ ବାହାରି ଆସି, ତେଲ ମର୍ଦ୍ଦନ ହୋଇ, ଗାଧୁଆ ଘରକୁ ପଶିଗଲା ବେଳକୁ ଦେଖିଲା – କେହି କୁଆଡେ ନାହାନ୍ତି । ତଳ ଅଗଣା ନଳା ମୁଣ୍ଡକୁ ବସି ରହି ନିରୁ ବାନ୍ତି କରୁଛି । ବୋଉ ତା' ପାଖକୁ କରି ଠିଆ ରହି, ପିଠି ଆଉଁସିବାରେ ବ୍ୟସ୍ତ । ଗାଧୁଆ ଘରକୁ ନଯାଇ କ'ଣ ହେଲା ବୋଲି କାଶି ସେଆଡ଼ିକି ଠିକ୍ ଚାଲିଗଲା ବେଳକୁ ପୂର୍ଣ୍ଣଚନ୍ଦ୍ର | </p> |

| | | |
|---|---|---|
| | ତେଣେ କୋଠାଉପରେ ରଡ଼ି ଛାଡ଼ିଲା । ଉଠିଯାଇ କାଳେ ଖଟ ଉପରୁ ତଳକୁ ଗଡ଼ିପଡ଼ିବ, ଏଇ ଭୟରେ ଦି' ଦି'ଟା ପାହାଚ ଚଢ଼ି, ତେଲ ସରସର ହାତରେ ତାକୁ ସେ ଧରି ନେଲା । ଏତିକି ବେଳେ ସେ ଦେଖିନେଲା – ଧୋବ ଫରଫର ଚଢ଼େଇ ହଳେ, ଠିକ୍ ତାଙ୍କ ଝରକା ପାଖରେ ଉଚ୍ଚ ଆକାଶରେ ଆଗ ପଛ ହୋଇ ଉଡ଼ିଯାଉଛନ୍ତି । ଆଗ ଚଢ଼େଇ ସାଙ୍ଗେ ପଛୁଆ ପଡ଼ିଥିବା ଚଢେଇଟି ଆସି ମିଶିଗଲା । ଘଟଣାଟା ବୁଝିବାକୁ କାଶିର ଆଉ ବାକି ରହିଲାନି – ଗୋଟିଏ ପରେ ଆଉ ଗୋଟେ । | |
| <p> | ନିରୁ ଚଟାପଟ୍ ନଳାପାଖରୁ ଉଠିଯାଇ ପୁଅକୁ ଜାକି ଧରିଲାରୁ ସେ ତୁଉନି ହୋଇଗଲା । ମା' ପୁଅ ଥିର ଗମ୍ଭିରୀ ଘରେ ପଶିଯିବାରୁ ବୋଉ ଚାଲିଲା ତାଙ୍କ ପଛେ ପଛେ । ନିରୁ ଗମ୍ଭିରୀ ଘର ଖଟ ଉପରେ ବସିଯାଇ ପୁଅକୁ କ୍ଷୀର ଖୋଇବାରେ ଲାଗିଗଲାଣି । କାଶିକି କିନ୍ତୁ ବେଳ ନଥିଲା । ନିତ୍ୟକର୍ମ ସାରିଦେଲେ ସେ ଦୋକାନ ଯିବ । ଭାବୁଥାଏ – ଶାଶୁ ବୋହୂ ଦିହେଁ ତାକୁ ଅଜ୍ଞ ବୋଲି ଧରିନେଇ ଥିବେ । ସିଏ କିନ୍ତୁ ବ୍ୟାପାରଟାକୁ ଭଲ ଭାବରେ ଜାଣେ । ବାହାରକୁ ପ୍ରକାଶ ନକରି ମନେ ମନେ ଖାଲି ସେ ହସୁଥାଏ । ମନ ଖୁସିରେ ଅଧଘଣ୍ଟେ ଭିତରେ ଦିଁ ପୂଜା ସାରି ଲୁନା ଷ୍ଟାର୍ଟ ମାରିଲାବେଳକୁ ନଅଟା । | </p> |
| <p> | ଲୁନାର ଆଗଚକ ଦି'ଥର ଘୁରିଗଲେ ଶ୍ୟାମ ସୁଆରଙ୍କ ଘର । ବୀରଦର୍ପରେ ଗାଡ଼ି ଉପରେ ବସି ତାଙ୍କ ଘର ଆଡ଼ିକି ମୋଟେ ସେ ଅନେଇଲାନି । ସୁଷମା କାଳେ ଘରକୁ ଆସିଥିବ, ତା' ସାଙ୍ଗେ ଦେଖା ହୋଇଯିବ ଏଇ ଭୟରେ । ଥରେ ମାତ୍ର ତାକୁ ଚାହିଁଦେବାକୁ ବି ତା'ର ଇଚ୍ଛା ନ ଥାଏ । ଘରୁକୁ କାହିଁ ଆସୁନୁ ବୋଲି କାରଣ ପଚାରିବା ତ ଦୂରର କଥା, ଜୀବନ ଥିଲାଯାଏ କେବେ ସେ ତାକୁ କଥା କହିବନି, ଏପରିକି ଥରୁଟିଏ ହେଲେ ତାକୁ ସେ ଚାହିଁ ବି ଦେବନି । ଏମିତି କେତେ କ'ଣ ପ୍ରତିଜ୍ଞା କରି ସେଇଠୁ ପବନ ବେଗରେ ସେ ଗାଡ଼ି ଚଳେଇଦେଲା । ପକେଟ୍ ଅଣ୍ଡାଳି ଦେଇ ଜାଣିଲା – ଚାବିଟା ଛାଡ଼ି ଦେଇଆସିଛି । ପୁଣି ଫେରିଆସି ଖଟରେ ବିଛା ଶେଯତଳୁ ଚାବିଟାକୁ ତରତରରେ ନେଲାବେଳକୁ ନିରୁ କ'ଣ କହି ଆସୁଥିଲା, କହି ପାରିଲାନି । କିନ୍ତୁ ୟା ଙ୍କ ଚଞ୍ଚଳ ମନଟାକୁ କଳିନେଲା । କାଶିର ବେଳ ନଥିଲା ଆଉ କିଛି କଥା ହେବାକୁ । | </p> |
| <p> | ଆହୁରି ବେଗରେ ଗାଡ଼ି ଚଳେଇ ଦେବାରୁ ଲୁନାଟା ଛକ ମୁଣ୍ଡରୁ କଡ଼ ବୁଲେଇଲା । ଛକଠୁ ଗୋଟେ ଯୋଡ଼େ ଦୋକାନ ଛାଡ଼ି, ସାମ୍ନାରେ ପଡ଼ିଗଲା ବାବନ ସୁଆର । ଗାଡ଼ି ବନ୍ଦ କରିବାକୁ ସେ ଇସାରା ଦେଲା । କାଶି ଗାଡ଼ି ବନ୍ଦ କରିବାରୁ ସେ କହିଲା – ତାଆରି ପାଖକୁ ସେ ଯାଉଥିଲା । | </p> |
| <p> | ଭଦ୍ରଲୋକଙ୍କ ଘର ବଡ଼ଦାଣ୍ଡ କରକୁ ବାଁ ପଟେ । ମୁଁ ଯେଉଁ ମାର୍କେଟ୍ ପାଖ ତାଳତାଟି ତା' ଦୋକାନରେ ପ୍ରଥମେ ଥିଲି, ତା'ଠୁ ସେ ଅଳ୍ପ ଦୂର । ଡାକ୍ତରଖାନା ପାଖାପାଖି । ସେଇ ଘରେ ତାଙ୍କର ଗୋଟେ ପ୍ରେସ୍, ନା ତା'ର କମଳା ପ୍ରେସ୍ । ପାଖକୁ ପାଖ ବହି ଦୋକାନ – 'କମଳା ବୁକ୍ ଷ୍ଟୋର୍' । ସେଇ ଦି'ଟି ତାଙ୍କର ଜିବୀକା ନିର୍ବାହର ପନ୍ଥା । ଝିଅମାନଙ୍କୁ ବାହା କରି ଦେଇଥିଲେ । ସ୍ତ୍ରୀ ନାହାନ୍ତି । ପୁଅ ଦି' ଜଣ । ସେ ଦିହେଁ ନିହାତି ଛତରା । ସଙ୍ଗମେଳରେ ଏଣେ ତେଣେ ବୁଲାଚଲା କରି ସମୟ କାଟୁଥାଆନ୍ତି । ପ୍ରେସ୍ କିମ୍ବା ବହି ଦୋକାନରେ ବସିବାକୁ ତାଙ୍କର ଧୈର୍ଯ୍ୟ ନ ଥାଏ । ବୁଢ଼ାଙ୍କର କିନ୍ତୁ ବିଶ୍ୱାସ ଥାଏ – କିଛି କୁଆଡ଼େ ନ ହେଲେ ସେଇ ସଂସ୍ଥାକୁ ଧରି ସେମାନେ ଚଳିଯିବେ । | </p> |
| <p> | ସେଇଠି ରହିଲି ପୂରା ପାଞ୍ଚ ବର୍ଷ । ପ୍ରେସ୍‌ରେ କାମ କରେ । ନିୟମିତ ଗାଁକୁ ଟଙ୍କା ପଠାଏ । ମଣିଷର ଭାଗ୍ୟର ଗତି କିନ୍ତୁ ବଡ଼ ବିଚିତ୍ର । ବୁଢ଼ା ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ବର୍ଷକ ଭିତରେ ସେ ପ୍ରେସ୍ ଓ ବହି ଦୋକାନର ଚିହ୍ନବର୍ଣ୍ଣ ରହିଲାନି । ଛତରା ପୁଅ ଦି'ଟା ଯାକ ଭାଙ୍ଗ, ଗଞ୍ଜେଇ ଓ ହିରୋଇନ୍ ଖାଇ ସବୁ ଖଇରାତା କରିଦେଲେ । ସେଠି ଥିଲାବେଳେ ମୁଁ ଖଣ୍ଡେ ସାଇକେଲ | </p> |

କିଣିଥିଲି । କିଛି ଦିନ ଅଗରବତୀ ବିକିଲି ସାଇକେଲରେ ଘୂରି ଘୂରି । ଛ' ମାସ ଯାଏ ସେ ବ୍ୟବସାୟ ଚାଲିଲା । ସେଥିରେ ଗୁଜିରାଣ ମେଣ୍ଟିଲାନି । ପରେ ପରେ ପୁରୀ ସହରର ସୋଲ ଶିଳ୍ପୀ ଗୋଛିକାରଙ୍କ ପାଖରେ ଅକସ୍ମାତ ଦିନେ ପହଞ୍ଚିବାରୁ ମୋତେ ସେ ଦୋକାନରେ ରଖିଲେ । ପୂରା ବର୍ଷେ ଲାଗିଲା । ହରେକ ରକମର କାରୁକାର୍ଯ୍ୟ ଖଚିତ ସୋଲ କାମ ଶିକ୍ଷା କରିସାରିଲା ପରେ ମୋ ନାଁରେ ଚତୁର୍ଦ୍ଦିଗରେ ପରିପ୍ରଚାର ହୋଇଗଲା । ତା' ପରେ ମୁଁ ନିଜେ ଖଣ୍ଡେ ଛୋଟ କାବିନ୍ ପକେଇ ସୋଲ କାମ ଓ ଜରିଜାମରା କାମର ଅର୍ଡର ନେଲି । ୟା ପରେ ପରେ ହୁମାପଟେ ବୋଉ ମୋ ପାଇଁ ଗୋଟେ କନ୍ୟା ଠିକ୍ କଲା । ଶାଶୁ ବୋହୂ ଦିହେଁ ରିହଲେ ଏଠି ବର୍ଷେ । ମୁଁ ଗୋଟେ ଭଡ଼ାଘର ନେଲି । ସ୍ତ୍ରୀ ମୋର ଅତି ସୁନ୍ଦରୀ ନୁହେଁ କି ଅସୁନ୍ଦରୀ ନୁହେଁ । ଛାଟିଦେଲା ଭଳି ଦମ୍ଭିଲା ମାଇପିଟିଏ । ବୋଉ କିଛିଦିନ ପରେ ହୁମା ଫେରିଗଲା । ଆମ ଭଡ଼ାଘର ପାଖକୁ ଆଉ ଜଣଙ୍କ ଘରେ ଗୋଟେ ଠିକାଦାର ଟୋକା ଭଡ଼ା ଥାଏ । ମଟର ସାଇକେଲ୍ ଚଢ଼ା ସଦାବେଳେ ସେ ଫିଟ୍‌ଫାଟ୍ । ତାଆରି ସାଙ୍ଗେ ମୋ ସ୍ତ୍ରୀ ଗୋଡ଼େ ଖସେଇଦେଲା ବୋଲି ମୁଁ ଶୁଣିବାକୁ ପାଇଲି । ସତ କହୁଛି – କେବେ ତା'ର ମନ୍ଦବୁଦ୍ଧି ମୁଁ ଦେଖିନି । ସେ ଯାହାହେଉ, ସେଇ ଠିକାଦାର ଟୋକା ହାବୁଡରେ ପଡ଼ି ସେ ସତ୍ୟାନାଶ ହୋଇଗଲା । କଥାଟା ଚତୁର୍ଦ୍ଦିଗରେ ଫୁଟି ବାହାରିବାରୁ ତା'ର ବାଚାଳତା ଦେଖାଦେଲା । କେତେ ଗୁଣିଗାରେଡ଼ି କଲି । କିଛି ହେଲାନି । ଗୋସାଣୀ ଲାଗିଲା ଭଳି ସେ ହୁଏ ଓ ସେଇ ବାଚାଳତା ରୋଗରେ ଆକ୍ରାନ୍ତ ହୋଇ ସେ ମୃତ୍ୟୁବରଣ କଲା । ଲୋକ କହିଲେ – ସେଇ ଠିକାଦାର ଟୋକାଟା ତାକୁ ବିଷ ପିଲ୍ ଖାଇବାକୁ ଦେଇ ମାରିଦେଲା ।

**</body></text>**
**</Doc>**